GOVERNMENT OF INDI
NATIONAL LIBRARY, CAL

Class No. OR 891.451
Book No. T837 R
N. L. 38. C.1
MGIPC—S8—6 LNL/56—25-7-56—50,00
NOT TO BE LENT

188. C. 183.

ଶ୍ରୀ ମଧୁସୂଦନ ଓ ଅନ୍ୟଙ୍କ କୃତ ।

[illegible]

ଗାୟକ ମାନଙ୍କର ପ୍ରଶ୍ନୋତ୍ତର ।

ଶ୍ରୀଅର୍ଜୁନ ମହାରଣାଙ୍କ ଦ୍ୱାରା ସଂଶୋଧିତ ଓ

ଉତ୍କଳପ୍ରେସରେ ପ୍ରକାଶିତ ।

୮ ସେଣ୍ଟଜେମ୍ସ ସ୍କୋୟାର୍, ବହୁବଜାର, କଲିକତା ।

Printed by M. L. Maharana Utkal Press,

8 St. James Square, Bow-Bazar, Calcutta.

1921.

ମୂଲ୍ୟ ୫୦ ୵ ମାତ୍ର ।

ଭ୍ରମଗୋଲା

ଗା

ଗାୟକମାନଙ୍କର ପ୍ରଶ୍ନୋତ୍ତର ।

ରାଗ—ନଳିନୀଗୌଡ଼ା ।

ଜୟ ଜୟ ଦୀନବନ୍ଧୁ ଶରଣ ଯୋଦର । ଅପ୍ରାଧ ଭଞ୍ଜନ ନାଥ ବାରେ କୃପାକର ।୧। ଶୁଣ ସୁଜ୍ଞଜନ ମାନେ ମନ କର୍ଣ୍ଣଦେଇ । ଗାୟକ ଭାଇଙ୍କୁ ଏହା ପଚ୍ଛରୁଛି ମୁହିଁ ।୨। ବିଲୁଆଙ୍କୁ ବନୀ ଜଆଁ କହନ୍ତି ଜଗତେ । କୁକୁର ଷଡ଼ଙ୍ଗୀ ପଦେଦାଇଲା କେମନ୍ତେ ।୩। ନୂତନ ବସ୍ତ୍ରାଳଙ୍କାରେ ହୋଇ ଆଭରଣ । ଶ୍ୱଂଶୁର ଗୃହେ-ଦୁହିତା କରଇ ଗମନ ।୪। ସମସ୍ତ ଲୋକଙ୍କୁ ଯେ ହେ ଉଲଗ୍ନ ହୋଇଲା । ନିଜ ମାତାକୁ କିପାଇଁ ମାନ୍ୟ ସେ ନ କଲା ।୫। ବିପ୍ରଙ୍କର ନବନାମ ତେଣୁ ନନା କହି । ଏସଭା ମଧ୍ୟରେ ମୋତେ ଦେବଟି ବୁଝାଇ ।୬। ଗୃରିଗୋଟି ନ୍ୟାୟ ମୁହିଁ କଲଇ ପ୍ରଶନ । ବୁଝାଇ ଦେବ ଯେ ମୋତେ ଦେଖାଇ ପୁରାଣ ।୭। କୁହା କୁହି କଥା ଆଉ ନକହିବ ଭାଇ । ମିଥ୍ୟାକଥା ଭଖାଣିଲେ ନାରାୟଣ ଦ୍ରୋହି ।୮। ଜଗନ୍ନାଥ ଜଗତ୍‌ପିତା ମାଗୁଛି ଶରଣ । ଅଧମ ଅରଜୁନଙ୍କୁ କର ପରିତ୍ରାଣ ।୯।

2186

ରାଗ—ଆଷାଢ଼ଶୁକ୍ଳ ।

ଶୁଣହେ ସୁଜନେ ଶ୍ରବଣ ଦେଇ । ଯାହା ପଚାରିଲେ ଗାଙ୍କ
ଭାଇ । ମାର୍କଣ୍ଡ ନାମେ ସତ୍ୟଯୁଗ କଥା । ଶାକଲ୍ୟ ଦ୍ୱୀପ ଯେ
ଥାଇଁ ସର୍ବଥା । ହରଷଣପୁର । କୃପାଳୁ କୃପାସିନ୍ଧୁ ବିପ୍ରବର ।୧
କୁବେର ତୁଲ୍ୟ ଧନ ମୂର୍ତ୍ତି ଥାଇ । ଦାନପଣେ କର୍ଣ୍ଣ ସରି
ନୁହଇ । ଷଟକର୍ମେ ବିପ୍ର ଅଟେ ନିପୁଣ । ଧାର୍ମିକ-ବଟବକ ଅଛି-
ସୁଜାଣ । ତାର ଦାନପଣେ । ଇନ୍ଦ୍ର ଥରହର ସ୍ୱର୍ଗଭୁବନେ ।୨।
ବିଶ୍ୱାମିତ୍ରଙ୍କୁ ଡକାଇ ବାସବ । ବୋଇଲା କୃପାଳୁ ପୁରକୁ ଯିବ ।
ବ୍ରାହ୍ମଣ ବ୍ରତକୁ ଭାଙ୍ଗିବ ଯାଇଁ । ତେବେ ମୁଁ ସ୍ୱର୍ଗରେ ସ୍ଥିରେ
ରହଇ । ଶୁଣି ତାମହର୍ଷି । ବ୍ରାହ୍ମଣ ଭୁବନେ ମିଳିଲେ ଆସି ।୩।
ଦେଖିଣ କୃପାଳୁ ଆନନ୍ଦ ହେଲ । ଷଡ଼ଅର୍ଘ୍ୟରେ ଋଷିଙ୍କୁ ପୂଜିଲା
ବୋଲେ କିମର୍ଥେ ମୋ ପୁରେ ଆଗତ । ଆଜ ମୋର ପୁର ହେଲା
ପବିତ୍ର । ଶୁଣି ବ୍ରହ୍ମଋଷି । ବୋଇଲେ ମୁଁ ଅଟେ କନ୍ଦୁ ତପସ୍ୱୀ ।୪
ବାରବର୍ଷ ତପ ପୂର୍ଣ୍ଣ ମୋ ହେଲ । ଆମିଷ ଭୋଜନେ ମନ
କଲା । ମୃଗ ମାଂସେ ବଡ଼ ଶରଧା ମୋର । ରନ୍ଧନ କରାଇଦିଅ
ସତ୍ୱର । ଶୁଣି ସେ ବ୍ରାହ୍ମଣ । ମୃଗ ଅର୍ଥେ ବ୍ୟାଧ ପଠାଏ ବନ ।୫।
ଦୈବକୂଟ ମାୟା ଦେବତା କଲେ । ବ୍ୟାଧକୁ ବିପିନେ ମୃଗ
ନ ମିଳେ । ଶ୍ରମେ ଚରୁଚଲେ ବସନ୍ତେ ଯାଇଁ । ଦଇବ ଭିଆଣ
ଆନ ନୁହଇ । ଏ ସମୟେ ଇନ୍ଦ୍ର । ବ୍ରାହ୍ମଣସ୍ୱରୂପ ଅତ୍ୟନ୍ତ ବୃଦ୍ଧ ।୬।
ନରମାଂସ ଖଣ୍ଡ ଖଣ୍ଡ ଯତନେ । ଅତିପରିଷ୍କାର ବାନ୍ଧି ବସନେ
ଶବରକୁ ଯାଇଁ କହେ ବଚନ । ବହୁତ ଦୂର ଯେ ମୋର ଭୁବନ
ମୃଗମାଂସ ଅଛି । ଉଚିତ ମୂଲ୍ୟରେ ଦିଅ ଦେଉଛି ।୭
ବ୍ୟାଧ ଶୁଣି ମାଂସ କିଣିଣ ନେଲା । ବିପ୍ରକୁ ଦେଇ ସକଳ
କହିଲା । ମାୟା କଥା ନ ଜାଣିଲା ବ୍ରାହ୍ମଣ । ଅତି ଯତ୍ନେ ମାଂସ
କଲା ରନ୍ଧନ । ଋଷିଙ୍କି ଡକାଇ । ଅନ୍ନ ବ୍ୟଞ୍ଜନ ପରଶିଲା ନେଇ ।

ଯୋଗଧ୍ୟାନେ ତାହା ଋଷି ଜାଣିଲେ, ନରମାଂସ ଦେଲୁ ବୋଲି କ୍ରୋପିଲେ । ଶୃଗାଳ ପରାୟେ ମୋତେ ପାଇଲୁ । ନର ମାଂସ ଆଣି ଭୋଜନ ଦେଲୁ । ହୁହୁଅ ଶୃଗାଳ । ଶୁଣି ଋଷି ବାଣୀ ବିପ୍ର କାତର ଅଗ୍ନି ନେତ୍ରେ ଋଷି ଦେଲେ ନିଗ୍ରହିଁ । ଦେଖୁଁ ଦେଖୁଁ ତା ଦୂର ଭସ୍ମ ହୋଇ । ଶୃଗାଳ ରୂପକୁ ବିପ୍ର ବହିଲା । ଭୂବନ ଚେଙ୍କ ବନେ ଗଳାଇଲା । ଏତେ ଲକ୍ଷ୍ମୀ କାବ୍ୟ । ରଘୁବଂଶେ ଅଛି ସୁଜନେ ଭାବ । ତେଣୁ ବେଲଙ୍କି ଯେ ବିଲୁଆ ନନା । ଦଉଟେ ତ୍ଦେଲା ଚେକୁ ଅନା । ତ୍ରେତୟାରେ କନ୍ୟା ଦାନ ସେ କଲା । ସୂର୍ଯ୍ୟ ବଂଶେ ସଗର ରାଜା ହେଲା । ଦ୍ଵିଜମଧୁ କହି । ଉତ୍କଳ ରାମାୟଣେ ନ ମିଳଇ ।

କୁକୁର ଷଡ଼ଙ୍ଗୀ କଥା—

ରାଗ ମଙ୍ଗଳ, ଚଉଦ ଅକ୍ଷରି ।

ଆନନ୍ଦ ସାଗରେ ହରିବୋଲ ସର୍ବଜନ । ସଭାଗୋଟି ଆଜ ମୋତେ ଦିଶୁଛି ଶୋଭନ । ୧ । ସଭାରେ ବିଜୟେ ଧନେଶ୍ବର ବଣ୍ଣନର । ସୁଧର୍ମା ସଭାକୁ ଆରମ୍ଭିଛି ସୁନାଶିର । ୨ । ଏ ସଭାରେ ଗାୟେକ ଯା କରିଲେ ପ୍ରଶ୍ନ । କୁକୁର ଷଡ଼ଙ୍ଗୀକଥା ପଢୁଅଛି ମନ । ୩ । ଶୁଣିବ କୋବିଦ ଜନେ ମନ କର୍ଣ୍ଣ ଦେଇ ତ୍ରେତୟାଯୁଗର କଥା ଏମନ୍ତ ଅଟଇ । ୪ । ସୂର୍ଯ୍ୟବଂଶେ ଦଶରଥ ଘରେ ହେଲେ ଜାତ । ସ୍ବୟଂ ପରଂବ୍ରହ୍ମ ରାମରୂପ ଅବସ୍ଥିତ । ୫ । ଜାନକୀଛଲେ ରାବଣ ମାରି ରାମ ରାଜା । ଅଯୋଧ୍ୟା ନଗରେ ସୁଖେ ପାଳଲେ ପରଜା । ୬ । ସେହି ଅଯୋଧ୍ୟା ନଗରେ ସୁବଛି ବ୍ରାହ୍ମଣ । ସଦାନନ୍ଦ ଷଡ଼ଙ୍ଗୀ ବୋଲଣ ତାର ନାମ । ୭ । ଦିନେ ସେ ବ୍ରାହ୍ମଣ ପଥଶ୍ରମେ ଶାନ୍ତ ପାଇ । ହସ୍ତେ ଯଷ୍ଟି ଧରି ରାଜ ପଥରେ ଚଳଇ । ୮ । ସେ ରାସ୍ତା ପାର୍ଶ୍ବରେ ଏକ ବଟବୃକ୍ଷ ଥିଲା । ଛାୟା ପାଇ ଶ୍ବାନଗୋଟି ନିଦ୍ରାରେ ଶୋଇଲା । ୯ । ପଥଶ୍ରମେ

ସଦାନନ୍ଦ ଦ୍ୱିଜ ସେ ଚଳଇ । ସେ ବଟବୃକ୍ଷ ମୂଳରେ ମିଳିଲାକ
ଯାଇଁ । ୧୦ । ଦେଖିଲା ନିଦ୍ରାରେ ଶୋଇ ଅଛଇ କୁକୁର ।
କୋପେ ବିପ୍ର ଯଷ୍ଟିଧରି କରିଲା ପ୍ରହାର ।୧୧। ଦଇବଯୋଗେ
କୁକୁର ଚରଣେ ବାଜିଲା । ଗୋଟିଏପାଦ ତାହାର ଖଞ୍ଜ ହୋଇ
ଗଲା ।। ଘୋଷାରି ଘୋଷାରି ଶ୍ୱାନ ଚଳିଲା ବହନ । ଆକୁଳେ
କୁକୁର ଗୋଟି କରଇ ରୋଦନ ।୧୨। ରାମରାଜାଙ୍କ ସଭାରେ
ମିଳିଲ କି ଯାଇଁ । ଅତି ଆକୁଳେ ସେ ଶ୍ୱାନ ଧୂଳିରେ ଗଡ଼ଇ ।।
ଶ୍ରୀରାମ ଲକ୍ଷ୍ମଣ ଯେ ଭରତ ଶତ୍ରୁଘନ । ବାମଦେବ ଯାବଳି
ବଶିଷ୍ଠ ବିଦ୍ୱାମାନ । ୧୪ । କାଶ୍ୟପ ସୁମନ୍ତ ଆଦି ଜନପ୍ରଜା
ଯେତେ । ଦ୍ୱାରି ଙ୍ଗେରାଦି ହେଉଛନ୍ତି କହିବ ମୁଁ କେତେ ।।
ସୁଧର୍ମା ସଭାକୁ ସଭା କରୁଛନ୍ତି ଧିକ୍କାର । ଯହିଁ ଶ୍ରୀରାମ ବିଜୟେ
କେଉଁ କ ମାତର ।। କୁକୁର ବିକଳ ଦେଖି ପ୍ରଭୁ ରଘୁନାଥ ।
ସଭାକୁ ଶ୍ୱାନକୁ ଆଣ ବୋଲିବା ଛଡ଼ନ୍ତି ।। ଆଜ୍ଞା ପ୍ରମାଣେ
ଭଗିର ଶୀଘ୍ରେ ଚଳିଗଲା । ଶ୍ରୀମୁଖରେ ଶ୍ୱାନକୁ ନେଇଣ
ଭେଟାଇଲ । ୧୮ । ଦୟାଳୁ ଶ୍ରୀରାମ ଦେଖି କୁକୁର ଦୁର୍ଗତି ।
ଏ ଦଶା କେ ତୋତେ ଦେଲା କହରେ ଝଟତି । ୧୯ । ଖଣ୍ଡ-
ଦୂରେ ସେ କୁକୁର ଭୟେ ଉଭା ହୋଇ । ଅତି କାକୁସ୍ଥରେ
ରାମଚନ୍ଦ୍ରଙ୍କୁ କହଇ । ୨୦ । ଭୋଦେବ ମୁଁ ଶୋଇଥିଲି ବୃକ୍ଷର
ଛାୟାରେ । ସଦାନନ୍ଦ ବିପ୍ର ମିଳି ମୋହର ପାଶରେ । ୨୧ ।
ଅଦୋଷରେ ଯଷ୍ଟିଧରି କରିଲ ପ୍ରହାର । ସତ୍ୟେ କହିଲି ଭୋ
ଦେବ ତୁମ୍ଭର ଛାମୁର । ୨୨ । ସ୍ୱଭାବେ ମୁଁ ପଶୁ ଜନ୍ମ ଘୃଣ
ଶ୍ୱାନ ଜାତି । ବେଦ ଭଞ୍ଜନ ରକ୍ଷାକର ରଘୁପତି । ୨୩ ।
ତତ୍କ୍ଷଣେ ଶ୍ରୀରାମ ବ୍ରାହ୍ମଣକୁ ଡକାଇଲେ । ବ୍ରାହ୍ମଣଠାରୁ ସକଳ
ବଚନ ଶୁଣିଲେ । ୨୪ । ସୁବିଜ୍ଞ ପଣ୍ଡିତମାନେ ବସି ନ୍ୟାୟ
କଲେ । ତିଳମାତ୍ର କୁକୁରର ଦୋଷ ନ ଦେଖିଲେ ।୨୫। ଆପଣା

ଅନ୍ୟାୟ ବସ୍ତ୍ର ମୁଖରେ ମାନିଲା । ଶୁଣଜନେ ଏଥୁଅନ୍ତେ ଯାହା ନ୍ୟାୟ ହେଲା ।୨୬। ଜୀବନଯାଏ ଶ୍ୱାନକୁ ଖଞ୍ଜିଲେ ଆହାର । ଔଷଧାଳୟରେ ଭଲ ହୋଇଲା କୁକୁର ।୨୭। ବ୍ରାହ୍ମଣକୁ ଗୃହିଁ ଆଜ୍ଞା ଦେଲେ ରଘୁବୀର । ଶିବଙ୍କର ସେବାକାରୀ ହୁଅ ଦ୍ୱିଜବର । ୨୮ । ରାଜ୍ୟଦୋଷ ଝାଡ଼ି ଦ୍ୱିଜ ନାମେ ଲେଖିଦେଲେ । ରତ୍ନମାଳା ନେଇଁ ଦ୍ୱିଜ କଣ୍ଠେ ଲମ୍ବାଇଲେ । ୨୯ । ବସ୍ତ୍ର ଅଲଙ୍କାର ଦାନ ଦେଲେକ ବହୁତ । ସୱାରି ଆରୋହି ଦ୍ୱିଜ ଚଳିଲା ତୁରିତ । ୩୦ । ଶିବଙ୍କ ସମ୍ପତ୍ତିରେ ସେ ବହୁ ଭୋଗ କଲା । ଶିବଙ୍କ ନିର୍ମାଲ୍ୟ ଭକ୍ଷି ଆନନ୍ଦେ ରହିଲା । ୩୧ । ସଭାସଦେ ଲକ୍ଷ୍ମଣର ତୁଲେ ବିଚାରିଲେ । ଧନ୍ୟ ରାମଚନ୍ଦ୍ର ରାଜା ଭଲ ନ୍ୟାୟ କଲେ । ୩୨ । ବ୍ରାହ୍ମଣ ଅନ୍ୟାୟ କରି ସୁଖଭୋଗ କଲା । ପାଚିଲା ଧାନରେ ମଇ ପରା କଥାହେଲ ॥ ବଶିଷ୍ଠ ଶୁଣି ବୋଇଲେ ଶୁଣ ହେ ଲକ୍ଷ୍ମଣ । ଶିବଙ୍କ ନିର୍ମାଲ୍ୟ ନଷ୍ଟେ ଭକ୍ଷିବ ବ୍ରାହ୍ମଣ । ୩୪ । ଜୀବନରେ ସୁଖଭୋଗ ବ୍ରାହ୍ମଣ କରିବ । ଆରଜନ୍ମେ କୁକୁରର ଗର୍ଭେ ଜନ୍ମ ହେବ । ୩୫ । ଶିବଙ୍କ ନିର୍ମାଲ୍ୟ ଏଣୁ ସୁବୁଦ୍ଧି ବ୍ରାହ୍ମଣ । ଭକ୍ଷଣ କରନ୍ତି ନାହିଁ ଯେମାନେ ସୁଜାଣ । ୩୬ । ସଦାନନ୍ଦ ଷଡ଼ଙ୍ଗୀ ବହୁ ସୁଖ ଭୋଗ କଲା । ଅନ୍ତେ ଶ୍ୱାନଗର୍ଭେ ଜନ୍ମି କଷ୍ଟକୁ ଲଭିଲା । ୩୭ । ଏଣୁକରି କୁକୁରକୁ ଷଡ଼ଙ୍ଗୀ କହନ୍ତି । ସଂସ୍କୃତ ରଘୁବଂଶରେ ଭୁଞ୍ଜ ହେ ସୁମତୀ । ୩୮ । ଉତ୍କଳ ଉତ୍ତରାକାଣ୍ଡ ରାମାୟଣେ ଅଛି । ପଣ୍ଡିତେ ନ ଧର ଦୋଷ କହିଲି ମୁଁ ବାଛି । ୩୯ । ସେ ରାମ ରାଜନ ପାଦେ ମାଗଇ ଶରଣ । ଅଧମ ମଧୁସୂଦନ କରିଲା ରଚନ । ୪୦ ।

ରାଗ—ରସକୋଇଲା ।

ସାବଧାନ ହୋଇ ଶୁଣ ସୁଜନ । ଅପୂର୍ବ ଚରିତ୍ର ରସ ବଖାଣ ।
ନୂତନ ବସ୍ତ୍ରେ ଆଭରଣ ହୋଇ । ଦୁହିତା ଶ୍ୱଶୁର ପୁର ଗମଇ
ଯେ । ନଜରେ ମାତାଙ୍କୁ ମାନ୍ୟ ଯେ । ଯାହା ଏ ସଭାରେ
ପ୍ରଶନ ହୋଇଛୁ ଶୁଣିବ କେ'ବଡ ଜନ ଯେ । ୧ । କୈଳାଶ
ତ୍ୟଜି କାମ୍ୟକ ବନରେ । ଦ୍ୱାଦଶ ବର୍ଷ ଶିବ ତପ କଲେ ।
ଏକାନ୍ତେ କୈଳାଶେ ଦୁର୍ଗାଙ୍କ ବାସ । ଋତୁ ଭୋଜନ ବସନ୍ତ
ପ୍ରବେଶ ଯେ । ଦୁର୍ଗା ହେଲେ କାମେ ଘାରି ହେ । ମନେ ଚିନ୍ତ-
ନ୍ତି ଶିବଙ୍କ ତପସ୍ୟା କେଉଁଦିନ ଯିବ ପୂରି ହେ । ୨ । ଅଶନ
ବସନ ବସ୍ତ୍ର ପରାସ୍ତେ । ଶୟନେ ନୟନେ ନିଦ୍ରା ନ ହୁଏ । ପତିର
ବିଚ୍ଛେଦ ପାଇଣ ମାତା । ନିରତ ତାହାଙ୍କୁ କରନ୍ତି ଚିନ୍ତା ଯେ ।
ଈଶ୍ୱରଙ୍କୁ କରି ଧ୍ୟାନ ଯେ । ମନ ବିରସରେ ରଜନୀବାସରେ
ଦିନେ ଏକାନ୍ତେ ଶୟନ ଯେ । ୩ । ସ୍ୱପ୍ନେ ଈଶ୍ୱରଙ୍କୁ ଦେଖି
ଗଉରୀ । ନାନା କଉତୁକେ ପ୍ରୀତି ଆଚରି । ବିଭୋଳତେ ବିନ୍ଦୁ
ହେଲା ଗଳିତ । ତକ୍ଷଣେ ନିଦ୍ରା ଯେ ହୋଇଲା ହତ ଯେ । ଉମା
ଧରିଲେ ତା ତୋଳି ଯେ । ଦଇବ ଘଟନ କେ କରିବ ଆନ
ହେଲା ତହୁଁ ଦିବ୍ୟ ବାଳୀ ଯେ ।୪। ଦେଖି ମାହେଶ୍ୱରୀ ହରଷ
ହେଲେ । ଯତ୍ନକରି କୁମାରୀକୁ ପାଳିଲେ । ରୂପ ଗୁଣେ ଉମା
ହୋଇଲେ ମୋହି । ତ୍ରିପୁର ସୁନ୍ଦରୀ ନାମକୁ ଦେଇ ଯେ ।
ଲାଳନ ପାଳନ କଲେ ଯେ । ନବ ବରଷରେ ନବ ପୁଷ୍ପବତୀ
କୁମାରୀ ହୋଇଲା ଭଲେ ଯେ ।୫। ସନ୍ତାପେ ଗଉରୀ ଭାଳନ୍ତି
ମନେ । ଶିବ ତ ମା ନ ଆସିଲେ ଭୁବନେ । କୁଳଲକ୍ଷଣ ବରଦେଖି
କରି । କିଭା ହୁଅନ୍ତା ତ୍ରିପୁର ସୁନ୍ଦରୀ ଯେ । ପୁଷ୍ପବତୀ କନ୍ୟା
ଘରେ ଯେ । ଦେବତାଙ୍କ ଘରେ ଏପରି ଅନୀତି ମର୍ତ୍ତ୍ୟେ ନର
ଙ୍କ ନଜରେ । ୬ । ଏମନ୍ତେ ଭାବନା କରନ୍ତେ ବସି । ସଦନେ

ପ୍ରବେଶ ଶଙ୍କର ଆଗ୍ରେ । ଲଜ୍ଜିତ ହୋଇ ଯେ ପାର୍ବତୀ କହି ।
ସ୍ୱପ୍ନେ ତୁମ୍ଭ ସଙ୍ଗେ ରମିଲି ମୁହିଁ ଯେ । ଅଙ୍ଗୁ ବାନ୍ଧୁ ନିର୍ଗଲିତ ଯେ ।
ହେଲା ଦିବ୍ୟବାଳୀ ତ୍ରିପୁରସୁନ୍ଦରୀ ନବବର୍ଷେ ଯୁବାପ୍ରାପ୍ତ ଯେ
ଶୁଣିଣ ଈଶ୍ୱର ହରଷ ମନ । ପାର୍ବତୀ ପରି ସେ ରୂପ ଘଟନ ।
କୋଳେ ବସାଇଲେ ଭୋଳା ମହେଶ । ନାନା ଅଳଙ୍କାର କରିଣ
ବେଶ ଯେ । ବୋଲନ୍ତି ଦୁର୍ଗାଙ୍କୁ ଗୃହି ଯେ । ଶୋକ ତ୍ରି-
ପୁର ଉତ୍ତମ ସୁନ୍ଦର କନ୍ୟାଦାନ ଦେବି ମୁହିଁ ଯେ ।୮। ଏ
ଅନ୍ତେ ରସ ଶୁଣ ହେ ବିଦୁଷ । କାଶିପୁରୁ ଏକ ରୋଗୀ ପ୍ରବେଶ ।
ଶାନ୍ତିପଣ୍ଡା ବୋଲି ନାମ ତାହାର । କୋଷ୍ଠ ବ୍ୟାଧିରେ ସେ କଷ୍ଟି
ଅପାର ଯେ । ଶୋଣିତ ଅଙ୍ଗରୁ ବହି ଯେ । ସର୍ବାଙ୍ଗ ତାହାର
ଦିଶେ ନାରଖାର ହସ୍ତ ପଦାଦି ମିଳାଇ ଯେ ।୯। ଶିବଙ୍କ
ଅନୁସରଣେ ରହିଲା, ବାଞ୍ଛାବଟତଳେ ଯାଇଁ ଶୋଇଲା, ପାର୍ବତୀ
ତାହାକୁ ସୁସ୍ନେହ କରି । କହନ୍ତି ଭାଳ ତ୍ରିପୁର ସୁନ୍ଦରୀ ଯେ ।
ଶିବଙ୍କ ପ୍ରସାଦ ନିଅ ଯେ । ବାଞ୍ଛାବଟ ତଳେ ରୋଗୀ ଏ ଶୋଇଛି
ନିତି ପ୍ରତି ତାକୁ ଦିଅ ଯେ ।୧୦। ମାତା ଆଜ୍ଞା ପାଳି ତ୍ରିପୁର
ମୋହି । ନିତି ନିତି ତାକୁ ଖାଦ୍ୟ ଯୋଗାଇ । ଶାନ୍ତି ପଣ୍ଡା କନ୍ୟା
ରୂପକୁ ଦେଖି । ମାନସରେ ଅତି ହୋଇଣ ଦୁଃଖି ଯେ । ଭାବେ
ଭଲ ହୋନ୍ତା ରୋଗ ଯେ । ଈଶ୍ୱରଙ୍କୁ ତୋଷି ବର ମୁଁ ମନାସି ଏ
କନ୍ୟା କରନ୍ତି ଭୋଗ ଯେ ।୧୧। ଅନୁସରଣ କଲା ତିନମାସେ ।
ଈଶ୍ୱର ମିଳିଲେ ଯୋଗୀର ପାଶେ । ବୋଇଲେ ଜ ବର ମାଗ
ବ୍ରାହ୍ମଣ । ତୋ କଷ୍ଟ ଦେଖି ମୁଁ ହେଲି ପ୍ରସନ୍ନ ଯେ । ରୋଗୀ
ବୋଲେ ଦିଅ ବର ଯେ । ତ୍ରିପୁର ସୁନ୍ଦରୀ ପାର୍ବତୀକୁମାରୀ ମୋତେ
ତା ପ୍ରଦାନ କର ଯେ ।୧୨। ଭୋଳାମହେଶ ଭୋଳରେ ଯୁକ୍ତ ।
ଧୁତୁରା ଗଞ୍ଜାଇ ନିଶାରେ ରତ । ଅସ୍ତୁ ବୋଲି କରି ଦେଲେ ସେ
କହି । ଅନ୍ତଃପୁରେ ଶିବ ମିଳିଲେ ଯାଇଁ ଯେ । ପାର୍ବତୀ ଶୁଣି

କହିଲା ଯେ । ଭୋଳଦେବ ଈଶ୍ୱର ବିକର୍ମ ବହିଲ ଦୋହିତ । ଅନାଥ ହେଲା ଯେ । ୧୩ । ଶିବଙ୍କୁ ଶିବା ଯେ ଦିଅନ୍ତି ଗାଳି । ନିଶା ବଶଲୋକ ତୁମ୍ଭେ କପାଳୀ । ଯୋଗୀଙ୍କ ପୁରୁଷ ଯୋଗ ଭୁଲୁଛ । ଝିଅଟିଆକୁ ନିଜ ସୁତା ଦେଉଛ ଯେ । କହି ଶୋକ କଲେ ଉମା ଯେ । ପ୍ରବୋଧି ଈଶ୍ୱର ବୋଲୁଛନ୍ତି ଗୀର ନ କାନ୍ଦ ତୁ ପ୍ରିୟ-ତମା ଯେ ।୧୪। କର୍ମେ ଯାହାର ଯାହା ଲେଖା ଥାଇ । ପ୍ରଭୁ ହୋଇଲେ ଆନ ନକରଇ । ଦୋହିତାର ସେତ କର୍ମ ଲେଖନ, ଶ୍ରୀମୁଖୁଁ ବାହାରି ଗଲା ବଚନ ଯେ । ଖଣ୍ଡନ ତାହା ନୋହିବ ଯେ । ଈଶ୍ୱରଙ୍କ ବାକ୍ୟ ଯେବେ ଆନ ହେବ ସତ୍ୟଧର୍ମ ବୁଡିଯିବ ଯେ । ୧୫ । ମଧୁର ବଚନେ ତୋଷି ଗଉରୀ । ଶୁଭ ଲଗ୍ନ ଜ୍ୟୋତିଷରେ ବିଚାରି । ଶାନ୍ତିପଣ୍ଡାକୁ କନ୍ୟା ଦାନ କଲେ । ବସିଲା ତାର ସେ ଉଠି ନ ପାରେ ଯେ । ପାର୍ବତୀ ଦେବୀ ବିକଳ ଯେ । ତ୍ରିପୁରସୁନ୍ଦରୀ ରୂପ ଗୁଣ ଭାଳି ବହେନେତ୍ରୁ ଅଶ୍ରୁଜଳ ଯେ । ତ୍ରିପୁରସୁନ୍ଦରୀ ଭୂଷଣ କଲେ । ନୂତନ ଝୀନବସ୍ତ୍ର ପିନ୍ଧାଇଲେ ନାନା ଅଳଙ୍କାର ମଣ୍ଡିଲେ ଅଙ୍ଗେ । ବୋଇଲେ ତୁ ଯିବୁ ଜାମାତା ସଙ୍ଗେ ଯେ । ଶୁଣି ସୁନ୍ଦରୀ କାନ୍ଦଇ ଯେ । ପାର୍ବତୀ ଦେବୀଙ୍କ ପାଦତଳେ ପଡ଼ି ଧୈର୍ଯ୍ୟ ଧରି ନପାରଇ ଯେ ।୧୬। ପାର୍ବତୀଦେବୀ ଶୋକରେ ପ୍ରଜ୍ୱଳି । ନିଜ ଜାମାତାକୁ ଦେଲେ ଯେ ଗାଳି । ଦଧିବଳି ଅନ୍ନ ଦେଇ ପଠାଇ । ମେ ସୁତା ଭୂଦରେ ହୋଇଲୁ ମୋହି ଯେ । ଭସ୍ମ ତୁ ହୁଅ ପାମରରେ । ବିଧବା ହୋଇଣ ତ୍ରିପୁର ସୁନ୍ଦରୀ ଘରେ ପଛେ ଥାଉ ମୋର ଯେ ।୧୮। ପୂର୍ବଦାପ ଦର୍ତ୍ତା ଶାପ ବହିଲା । ଦେଖୁଁ ୨ ରୋଗୀ ଭସ୍ମ ହୋଇଲା । ତଙ୍କଟେ ଶିବ ଯେ କହିଲେ ତହିଁ । ଆଜଠାରୁ ମାତାର ମାନ୍ୟ ନାହିଁ ଯେ । ଶାପଦେଲେ ମହେଶ୍ୱର ଯେ । ମାତାକୁ ନମିଲେ ଜାମା-ତାକୁ ହାନ ରହିଲା ଗୃହିଯୁଗର ଯେ । ୧୯ । ତ୍ରିପୁର ସୁନ୍ଦରୀ

ବନକୁ ଗଲା । ବନଦୁର୍ଗା ହୋଇ ପୂଜା ପାଇଲା । ଏଣୁକରି ମାତାଙ୍କୁ ମାନ୍ୟ ନାହିଁ । ସଂସ୍କାର ବର୍ଣ୍ଣଶଙ୍କରେ ଅଛଇ ଯେ । ଦ୍ୱିଜମଧୁ କହେ ଗୀତେ ଯେ । ଦୁର୍ଗା ମାଧବଙ୍କ ଶ୍ରୀପଦ କମଳେ ମୋ ଶତ୍ରୁ ରହୁ ନିରତେ ଯେ । ୧୦ ।

ରାଗ-ନଳିନୀ ଗୌଡ଼ା । ଦାଣ୍ଡିକା ଘୁର ।

ବ୍ରାହ୍ମଣଙ୍କର ନବନାମ ।

ରସଜ୍ଞ ଭକତେ ଶୁଣ ଦେଇ ମନ କର୍ଣ୍ଣ । ସଭା ମଧ୍ୟେ ଗାୟକ ଯା କରିଲେ ପ୍ରଶନ । ବ୍ରାହ୍ମଣଙ୍କୁ ନବ ଜନ୍ମା କହନ୍ତି ଜଗତେ । କହୁଛୁ ସୁଜନେ ଦୋଷ ନ ଧରିବ ଏଥେ ଯେ । ଏ ବଂଶାନୁ ଚରିତ । ଶ୍ରବଣେ ଶୁଣିଲେ ଖଣ୍ଡେ ଦୁରିତ ଯେ । ୧ ।

ବ୍ରହ୍ମାଙ୍କ ଶରୀରୁ ଯେ ସ୍ୱୟମ୍ଭୁ ମନୁଜାତ । ପ୍ରିୟବ୍ରତ ଉତ୍ତାନ ପାଦ ଯେ ତାଙ୍କ ସୁତ । ପ୍ରିୟବ୍ରତରେ ତନୟ ଅଗ୍ନିଧ୍ର ଅଟଇ । ନାଭିବୋଲି ତାହାଙ୍କର ନନ୍ଦନ ସେ ହୋଇ ଯେ । ଋଷଭ ତାଙ୍କ ପୁତ୍ର । ସ୍ୱୟଂ ବିଷ୍ଣୁ ଅବତାର ବର୍ଣ୍ଣିତ ଯେ । ୨ ।

ଋଷଭ ପ୍ରଭୁଙ୍କର ଯେ ଶତପୁତ୍ର ହୋଇ । ଜ୍ୟେଷ୍ଠପୁତ୍ର ଭରଥ ସନ୍ୟାସୀ ପଦବହି । ତିନିଜନ୍ମ ଯାଏ ଜାତି ସ୍ମୃତି ଜାତ ହେଲେ । ଅନ୍ତଃକାଳେ ବିଷ୍ଣୁ ପଦ କମଳେ ପଶିଲେ ଯେ । ପୁଣି ନବ ତନୁଜ । ନବଦ୍ୱୀପରେ ସେ ହୋଇଲେ ରାଜ ଯେ । ୩ ।

ଏକାଅଶି ସୁତ ବନେ ତପ ଆରମ୍ଭିଲେ । ବେଦଭ୍ୟାସୀ କ୍ରିୟା କର୍ମ ଆସ୍ଥେରେ ରହିଲେ । ଶେଷେ ସାନୁଜ ରହିଲେ ନବଗୋଟି ଭାଇ । ତାହାଙ୍କ ମହିମା ଯେ କହିଲେ ନ ସରଇ ଯେ । ଯୋଗ ସାଧି ନିର୍ଗୁଣ । ବ୍ରହ୍ମକୁ ଚିହ୍ନି ସେ ହେଲେ ବ୍ରାହ୍ମଣ ଯେ । ୪ ।

ଜୀବ ପରମକୁ ଏକ କରିଣ ଦେଖିଲେ । ନିର୍ଗୁଣ ବ୍ରହ୍ମରେ ନବ ଭାଇ ଲୀନ ହେଲେ । ନବଜଣ ଏକବ୍ରହ୍ମେ ହେଲେ ଯହୁଁ

ଲୀନ । ନଭସ୍ଥଳୋପବନ୍ତ ସେ କରିଲେ ଧାରଣ ହେ । ନବ ନାମ ତାଙ୍କର । ପ୍ରବର୍ତ୍ତିଲ ଜାଣ ବ୍ରାହ୍ମଣ ଠାର ଯେ । ୫।

କବି ହବି ଅନ୍ତରୀକ୍ଷ ଅଟେ ତିନି ନାମ । ପ୍ରବୃଦ୍ଧ ପିପଲାୟନ ପଞ୍ଚନାମେ ଗଣ୍ୟ । ଷଷ୍ଠେ ଅ ବିହୋତ୍ର ନାମ ଦ୍ରବିଡ଼ ସପ୍ତମ । ଚମସ ଯେ ଅ ବିହୋତ୍ର ନବନାମ ଜାଣ ଯେ । ନଅ ନା ବ୍ରାହ୍ମଣ-ଙ୍କର । ତେଣୁ ବ୍ରାହ୍ମଣେ ନନା ବୋଲିବାର ଯେ । ୬ ।

ପଦ୍ମକଳ୍ପ ଭାଗବତ ନୃସିଂହ ପୁରାଣ । ଏ ତିନି ପୁରାଣେ ଅଛି ବୁଝ ସାଧୁଜନ । ସୁବଜ୍ଞ ବେଦାଙ୍ଗୀ ବିପ୍ର ଏମାନେ ଜାଣନ୍ତି ଯାଉଥର ପଢ଼ିଲେନ ମର୍ମ ନ ପାଆନ୍ତି ଯେ । ଦ୍ୱିଜ ମଧୁସୂଦନ । ଶ୍ରୀଗୁରୁ କୃପାରୁ କଲା ରଚନ ଯେ । ୮ ।

ରାଗ—କଳଶା । ପ୍ରଶ୍ନ ।

ଶୁଣୁଥିବ କଉତୁକେ ମନ କର୍ଣ୍ଣ ଦେଇ । ଗାୟକ ଭାଇଙ୍କୁ ଯାହା ପଚ୍ଚାରୁଛି ମୁହିଁ ।୧। ମହାଦେବଙ୍କ ସ୍ୱରୂପ କାହିଁ ପାଇଁ ନାହିଁ । ଲିଙ୍ଗ କିମ୍ପା ପୂଜା ପାଏ କହିବ ବୁଝାଇ ।୨। ଗଣେଶ ବାହନ କିମ୍ପାଁ ମୂଷିକ ହୋଇଲା । ଏଡ଼େ ବଡ଼ ପ୍ରଭୁଙ୍କୁ ବାହନ ନ ମିଳିଲା । ୩ । ଗରୁଡ଼ ପୃଷ୍ଠରେ ବସନ୍ତ ସଦା ଜଗନ୍ନାଥ । କେଉଁ ଦିନ ବସ୍ତ୍ର ପରେ ବସନ୍ତେ ଖଗନାଥ । ୪ । କାର୍ତ୍ତିକ ଅମା-ବାସ୍ୟାରେ ଶ୍ୟାମାପୂଜା ହୋଇ । ଶିବପରେ ଉଭା ଦୁର୍ଗା କିହା କାମୋଡ଼ଇ । ୫ । ନଦୀ ପୁଷ୍କରିଣୀ ଜଳ ନିଅନ୍ତି ନାରୀ ନର । ଲମ୍ଭକୁ ଦୂରାଇ ଥାନ୍ତି କିମ୍ପାଇ ଜଳର । ୬ । ଏହି ପାଞ୍ଚଗୋଟି ନ୍ୟାୟ କହିଦେବ ମୋତେ । ବୋଲେ ଅର୍ଜୁନ ପୁରାଣ ଦେଖାଇ ଯଥାର୍ଥେ । ୭ ।

ରାଗ—ଗୁଜ୍ଜରୀ ଭାଗବତ ବୃତ୍ତେ । ଉତ୍ତର ।

ଶୁଣ ବନ୍ଧୁଷେ ଦେଇ ମନ । ଦକ୍ଷଯଜ୍ଞର ଯେ ବିଧାନ । ୧ ।
ଦକ୍ଷଙ୍କ ଦୁହିତା ପାର୍ବତୀ । ତାଙ୍କୁ ବିବାହ ପଶୁପତି । ୨ ।
ଏମନ୍ତେ କେତେ ଦିନ ଗଲା । ଦକ୍ଷ ଯେ ଯଜ୍ଞ ଆରମ୍ଭିଲା । ୩
ଦେବତା ଆଦି ମୁନି ଯେତେ । ବରଣ ହୋଇଲେ ସମସ୍ତେ ।।
ଜାମାତା ଦୁହିତା ବର୍ଜ୍ଜିତ । ବନ୍ଧୁ ବାନ୍ଧବ ଆଦି କରି । ୫ ।
ଯଜ୍ଞକୁ ହୋଗୀ ଅମଙ୍ଗଳ । ଏମନ୍ତ ବିଗ୍ଭରି ମନର । ୬ ।
ଶିବ ଦୁର୍ଗାଙ୍କୁ ନ ବରିଲା । ଏମନ୍ତେ ଯଜ୍ଞ ଆରମ୍ଭିଲା । ୭ ।
ନାରଦ ସେକଥାକୁ ନେଇ । ଶିବଙ୍କ ଆଗେ ଦେଲେ କହି । ୮
ପିତାଙ୍କ ଅନାଦର ଦେଖି । ପାର୍ବତୀ ଦେବୀ ଅତି ଦୁଃଖୀ ।।
ଶିବଙ୍କ କଥା ନ ମାନିଲେ । ଦକ୍ଷଯଜ୍ଞକୁ ବିଜେ କଲେ । ୧୦
ମନେ ବହିଣ ବହୁ ରୋଷ । ଯଜ୍ଞକୁଣ୍ଡରେ ଦେଲେ ଝାସ ।।
ପାର୍ବତୀ ଦେବୀ ନାଶ ବାଣୀ । ଶୁଣି ଚଳିଲେ ଶୂଳପାଣୀ । ୧୨
ଉଲଙ୍ଗ ଭ୍ରୁକୁଟି ବେଶରେ । ଦକ୍ଷ ଯଜ୍ଞକୁ ନାଶକଲେ । ୧୩
ଯାଇଁ ମିଳିଲେ ଶାଶୁ ପାଶ । ତାଙ୍କୁ ଦେଖାଇ ଅଣ୍ଡକୋଷ ।।
ଦକ୍ଷ ନାରୀ ଯେ ଦେଲେ ଶାପ । ତୋ ରୂପ କଳିଯୁଗେ ଲୋପ
ଅଣ୍ଡ ତୁ ଦେଖାଇଲୁ ଯେଣୁ । ତୋ ଅଣ୍ଡ ପୂଜା ପାଉ ତେଣୁ
ତୋ ଅଣ୍ଡ ଦେଖନ୍ତୁ ସକଳେ । ଏ କଥା ରହୁ ତିନିକାଳେ ।।
ମାର୍କଣ୍ଡ ପୁରାଣେ ଲେଖନ । ଶ୍ରୀ ଭାଗବତରେ ବର୍ଣ୍ଣନ । ୯
ଶିବ ଦୁର୍ଗାଙ୍କ ପାଦେ ଧାଇ । ଅଧମ ଦ୍ୱିଜ ମଧୁ କହି । ୨୦

ରାଗ ବଭାସ ଗୁଜ୍ଜରୀ ।

ଶୁଣ ହେ ସୁଜନ ଜନ ମନ କର୍ଣ୍ଣ ଦେଇ ।
ଗଣେଶଙ୍କୁ ଜାତକଲେ ଦୁର୍ଗା ମହାମାଈ । ୧ ।
ହର ତା ନ ଜାଣି ତାଙ୍କ ଶିର କାଟିଦେଲେ ।

ଗଜର ମସ୍ତକ ଆଣି ଶିରେ ଲଗାଇଲେ । ୨ ।
ବହୁଦିନେ ଗଣେଶ୍ବର ତପ ଆରମ୍ଭିଲେ ।
ନୈମିଷା ଅରଣ୍ୟେ ଯେ ପିପଳ ବୃକ୍ଷମୂଳେ । ୩ ।
ଦିନେ ଜନ୍ତୁପତି ଆସେ ଶିବ ଦରଶନେ ।
ଗଣେଶଙ୍କୁ ଭେଟିଲା ସେ ନୈମିଷାଅରଣ୍ୟେ । ୪ ।
ଶହି ନ ପାରି ବିସ୍ମୟରେ କେଉଁ ଜନ୍ତୁ ଏହି
ନରଦେହ ଗଜମୁଣ୍ଡ ଦେଖିବାରେ ନାହିଁ । ୫ ।
ଏମନ୍ତ ଜନ୍ତୁକୁ ଦେଖି ଡରିବେ ସକଳେ ।
ଏହିକ୍ଷଣି ଏହା ପ୍ରାଣ ନାଶିବି ମୁଁ ହେଲେ । ୬ ।
ଏହା ଭାବି ଯମ ତାଙ୍କ ପାଶେ ଉପଗତ
ଧ୍ୟାନରେ ଜାଣିଲେ ତାହା ଦେବ ବିଘ୍ନନାଥ । ୭ ।
ଯଜ୍ଞସୂତ୍ରେ ବାନ୍ଧି ତାଙ୍କୁ ରଖି ଜାନୁ ତଳେ ।
ତପସ୍ୟାରେ ବିଘ୍ନନାଥ ବସିଲେ ନିରୋଳେ । ୮ ।
ଯମ ବିନେ ଉତପାତ ହୋଇଲା ସଂସାର ।
ବ୍ରହ୍ମାଦି ଦେବେ କହିଲେ ବିଷ୍ଣୁଙ୍କ ଅଗର । ୯ ।
ବ୍ରହ୍ମା ବିଷ୍ଣୁ ଦେବ ତୁଲେ କରିଲେ ଗମନ ।
ତପୋବନେ ଗଣେଶଙ୍କୁ କଲେକ ଦର୍ଶନ । ୧୦ ।
ବିଷ୍ଣୁଙ୍କୁ ଦେଖି ଗଣେଶ ତପସ୍ୟା ତେଜିଲେ ।
ଗଣେଶଙ୍କୁ ଚାହିଁ ବିଷ୍ଣୁ କର୍କଶେ ଭାଷିଲେ । ୧୧ ।
ତପି ହେଲ ସଂସାରକୁ ବିନାଶ କରୁଛ ।
ବିନାଦୋଷେ ଶମନକୁ ବନ୍ଧନେ ରଖିଛ । ୧୨ ।
ବୋଇଲେ ବିଘ୍ନଇଶ୍ବର ମୋର ଦୋଷ ନାହିଁ ।
ମୋତେ ନାଶିବାକୁ ଆସି ଏ ଦଣ୍ଡ ଲଭଇ । ୧୩ ।
ବୋଇଲେ ଶ୍ରୀ ନାରାୟଣ ଯେ ଯାହାକୁ ନାଶେ ।
ବନ୍ଧନ ହୋଇଣ ଯେ ଜାନୁତଳେ ପଶେ । ୧୪ ।

ମୂଷା ପରି ହୋଇଣ ସେ ଜାନୁଛଲେ ଅଛି ।
ତୁମ୍ଭ କହିବା କଥା କା ମନକୁ ଆସୁଛି । ୧୫ ।
ଗଣେଶଙ୍କ ଅପରାଧ ବିଷ୍ଣୁଙ୍କ ବଚନ ।
ମୂଷିକ ରୂପକୁ ଧରି ବାହାରିଲା ଯନ୍ତ । ୧୬ ।
ରାଜାକୁ ଅଯୋଗ୍ୟ ଦେଖି ବୋଲନ୍ତି ଶ୍ରୀଧର ।
ଗଣନାଥଙ୍କ ବାହନ ହୁଅ ତୁ ନିକର । ୧୭ ।
ଅପରାଧ କଲୁ ତୁହି ତାଙ୍କ ଯାନ ହୁଅ ।
କଳ୍ପାନ୍ତ ପର୍ଯ୍ୟନ୍ତ ସେବି ମୁକତିକ ପାଅ । ୧୮ ।
ତେଣୁ ଗଣେଶଙ୍କ ଯାନ ମୂଷିକ ହୋଇଛି ।
ସେହିକଥା ଗୋଟି ସୁରିନୁଗକୁ ରହିଛି । ୧୯ ।
ଗଣେଶ ପୁରାଣେ ଏହା ହୋଇଛି ବର୍ଣ୍ଣନ ।
ଗଣେଶଙ୍କ ପାଦେ ମଧୁ ମାଗଇ ଶରଣ । ୨୦ ।

ରାଗ—ଚକ୍ରକେଳୀ ।

ଶୁଣ ସୁଜନ ମନକର୍ଣ୍ଣ ଦେଇ । ପଚାରିଛନ୍ତି ଯା ଗାୟକ ଭାଇ ।୧। ଗରୁଡ଼ଯାନ ବିଷ୍ଣୁ ହେଲେ କାହିଁ । ସେ କଥା ଶୁଣ ସଂକ୍ଷେପେ କହଇ । ୨ । କଳ୍କି ଟୀକାରେ ଏ ଅଛି ବର୍ଣ୍ଣନ । ଗରୁଡ଼ ଦିନେ ଗର୍ବ କଲା ମନ ।୩। ମୋହଠାରୁ କେ ବଳବନ୍ତ ହୋଇ । ଯେଣୁ ବିଷ୍ଣୁଙ୍କୁ ମୁଁ କନ୍ଧେ ବହଇ ।୪। ଯତୀନ୍ଦ୍ର ଭକ୍ତ ମଧ୍ୟେ ମୁହିଁ ସାର ତାହା ଜାଣିଲେ ପ୍ରଭୁ ଚକ୍ରଧର ।୫। ଶ୍ୱେନପକ୍ଷୀ ଗରୁଡ଼ ଭେଟକଲେ ଦେହି ଜନେ ଯୁଦ୍ଧକୁ ଆରମ୍ଭିଲେ । ୬ । ବଳେ ବଳବନ୍ତ ଦେନି ସମାନ । ବହୁଦିନ କରିଲେ ଘୋରରଣ । ୭ । ଗରୁଡ଼ ଗର୍ବ ଗଞ୍ଜିବାର ପାଇଁ । ଶ୍ୱେନଦେହେ ବିରାଜ ଭାବଗ୍ରାହୀ ।୮। ରଣେ ଶ୍ୱେନକୁ ଗରୁଡ଼ ହାରିଲା । ଥଣ୍ଟେ ଧରି ଶୂନ୍ୟରେ ଉଡ଼ାଇଲା ।୯। ବୋଲେ ତୋ ଇଷ୍ଟ କର ସୁମରଣ । ଉର୍ଦ୍ଧ୍ବୁ ପକାଇଦେବ ଯିବ

ପ୍ରାଣ ।୧୦। ଗରୁଡ଼ଙ୍କ ଅନ୍ତେ ରଖ ନାରାୟଣ । ତୁମ୍ଭେ ନ ରଖିଲେ ଗଲା ଜୀବନ । ୧୧ । ଗରୁଡ଼ ଆଗେ ହରି ଜାଣିଲେ । ତୁମ୍ଭେ ଶ୍ୱେନ ପକ୍ଷୀ ଗର୍ବ ହରିଲେ । ୧୨ । ଗରୁଡ଼ଙ୍କୁ ନ ଧରି ପାରି ଶ୍ୱେନ । ଶୂନ୍ୟ ପକାଇଣ ଦେଲା ବହନ । ୧୩ । ହରି ଉର୍ଦ୍ଧ୍ୱେ ଥେକିଲେ ଦକ୍ଷକର । ଗରୁଡ଼ ପଡ଼ିଲା ଆସି ତହିଁର । ୧୪ । ସେହିଦିନ କୃଷ୍ଣ ଗରୁଡ଼ ଯାନ । ମଧୁ ମାଗଇ ଶ୍ରୀପଦେ ଶରଣ ।୧୫

ରାଗ କଳନୀ ଗୌଡ଼ା ଦାର୍ଯ୍ୟ କାସୁର ।

ଏଥୁଅନ୍ତେ ବିଷ୍ଣୁ ଜନେ ଶୁଣ ଦେଇ ଚଉ, ମହାଯୁଦ୍ଧ କଲେ ଦୁର୍ଗା ମହିଷା ସଙ୍ଗତ । ନମରନ୍ତେ ରାଗେ ଦୁର୍ଗା ତାଙ୍କୁ ଛାଡ଼ିଦେଲେ । ନାଶକରୁ ଏ ଅସୁର ସ୍ୱର୍ଗପୁର ଭଲେ ଯେ । କଥାଁ ଦେଲେ ସେ ବର । ଏତେ କଷ୍ଟରେ କେ ମାରେ ଅସୁର ଯେ । ୧ । ଶୂନ୍ୟ ଡାକଦେଲେ ଦେବେ ଶୁଣ ଆଗୋ ମାତ । ଜାନୁ ଯୌବନ ଦେଖିଲେ ଦୈତ୍ୟ ହେବ ହତ । ତାହା ଶୁଣି ଜଗନ୍ମାତା ଯୌବନ ଦେଖାଇ । କାମେ ଦୁଃଖୀହୋଇ ଦୈତ୍ୟ ଭୂମିରେ ଲୋଟଇ ଯେ । ପ୍ରାଣ ଛାଡ଼ିଦେଲା । ଚଉଦ ଭୁବନ ଉଲ୍ଲାସ ହେଲା ଯେ । ମହିଷାକୁ ମାରି ଦୁର୍ଗା ଘୋରକଡ଼ି ଦେଲେ । ଭୈରବ ମୂରତି ଧରି ବରଙ୍ଗ କହିଲେ । ଦେବତାଙ୍କୁ ପ୍ରାଣେ ଆଜି କରିବି ନାଶନ । ପୁଣି ହୋଇ ଦେଖିଲେ ସେ ମାତାର ଯୌବନ ଯେ ଧରି ଖଣ୍ଡା ଖପର ! ଡରି ପଳାଇଲେ ଦେବ ନିକର ଯେ । ୩। ଶିବଥିଲେ ବ୍ୟଗ୍ର ଗଡି ଯାଇ ନ ପାରିଲେ । ଦୁର୍ଗା ଆସନ୍ତେଣ ତାଙ୍କ ପଦ୍ମରେ ଶୁଚିଲେ । ଶିବ ପରେ ଉଭା ଦୁର୍ଗା ରାଗେ ଦେଲେ କହି । କବର ମାଗୁଛି ମାଗ ଦେବ ବୋଲେ ମୁହିଁ ଯେ । ହର ବୋଇଲେ ବାଣୀ । ବର ମାଗେ ମୋର ହୁଅ ଘରଣୀ ଯେ । ୪। ଆଚମ୍ବିତେ ମହାମାୟୀ କହ କାମୋହିଲା ।

ସେହି ଦିନୁ ସେହି ରୂପ ସଂସାରେ ରହିଲା । ଚଣ୍ଡିକା ବ୍ରହ୍ମ-
ଖଣ୍ଡ୍ୟାରେ ଅଛଇ ଲେଖନ । ଭାବିଣ କହଇ ଦ୍ୱିଜ ମଧୁସୂଦନ ସେ
ଯେ ଦୁର୍ଗାଙ୍କ ଚରଣେ । ମୋ ଚିତ୍ତ ରହି ଥାଉ ଅନୁକ୍ଷଣେ ଯେ ।

ରାଗ—ରାମକେରୀ ।

ଶୁଣ ସଭାଜନେ ସମସ୍ତେ ମନ କର୍ଣ୍ଣକୁ ଦେଇ ।
ବରୁଣ ଦୁହିତା ଲକ୍ଷ୍ମୀଙ୍କ ବିଭା ଶ୍ରୀଭାବଗ୍ରାହୀ । ୧ ।
ଅଲକ୍ଷ୍ମୀ ଲକ୍ଷ୍ମୀଙ୍କର ଜ୍ୟେଷ୍ଠା ଋଷିଙ୍କି ବିଭ ଦେଲେ ।
ତାର ଅନ୍ୟାଗ୍ରହ ଦେଖିଣ ଋଷିତାକୁ ତେଜିଲେ । ୨ ।
ଅଲକ୍ଷ୍ମୀ ବିଷ୍ଣୁଙ୍କୁ ଜଣାଏ ମୋତେ ନ ମିଳେ ସ୍ଥାନ ।
କେଉଁ ସ୍ଥାନେ ମୁହିଁ ରହିବ ଆଜ୍ଞା ଦିଅ ଆପଣ । ୩ ।
ବିଷ୍ଣୁରି ବୋଇଲେ ଗୋ ବଢ଼ ଶୁଣ କହୁଛି ମୁହି ।
ଯେତେ ୨ ସ୍ଥାନେ ରହିବୁ ଅଲକ୍ଷ୍ମୀ ଯାଇ ତୁହି । ୪ ।
ରଜସ୍ୱଳା ସ୍ତିରୀ ରମଣ କରେ ଯେ ମୂଢ଼ ମତି ।
ଉବରାରେ ଅଶ୍ୱଥ ତଳେ ଯେବା କରେ ବସତି । ୫ ।
ମଳମୂତ୍ର ମୁଖ ବଜାର ନଦୀଜଳେ ଯେ କରେ ।
କୁମ୍ଭକୁ ଜଳେ ନ ହଳାଇ ଜଳ ଯେ ତହିଁ ଭରେ । ୬ ।
ଏମ୍ଭୁରି ସ୍ଥାନରେ ରହିବୁ ଆଜ୍ଞା ଦେଲେ ଶ୍ରୀହରି ।
ଜଳେ କୁମ୍ଭ ଭେଣ୍ଡୁ ଘୁରାଉଥାନ୍ତି ଯେ ନରନାରୀ । ୭ ।
ନୃସିଂହପୁରାଣେ ଶ୍ରୀଭାଗବତେ ଅଛି ବର୍ଣ୍ଣନ ।
ଦୀନ ହୀନ ମଧୁ କହଇ ଦେଖୁଥାଅ ପୁରାଣ । ୮ ।

ପ୍ରଶ୍ନ । ରାଗ—ମଙ୍ଗଳଗୁଜ୍ଜରୀ ।

ଆନନ୍ଦ ସାଗରେ ବୁଡ଼ି ବେଲ ସଭାଜନ । ବାପୁଜ ଭାଇଙ୍କୁ
ମୁଁ ଯେ କରୁଛି ପ୍ରଶ୍ନ । ୧ । ଦେବଗ୍ରହ ବୋଲି ଶାସ୍ତ୍ରେ ଲେଖିଛି

ଅଛଇ । ସାତବାର ଅଛୁ ଦୁଇବାର ଗଲା କାହିଁ । ୨ । ସାତ-
ବାରେ ଆଠକୁଞ୍ଜ ହୋଇଲା କେମନ୍ତେ । ଶାସ୍ତ୍ର ନ୍ୟାୟ
ଦେଖାଇଣ କହିଦେବ ମୋତେ । ୩ । ସର୍ବ ତରୁଲତା ଫଳ
ପୁଷ୍ପେ ଶୋଭା ପାଇ । ଡମିରି ଫୁଲକୁ କାହିଁ ନ ଦେଖନ୍ତି
କେହି । ୪ । ନିର୍ମୂଳୀ ଲତାର କଥା ମୋ ମନେ ପଡ଼ିଲା । ମୂଳ
ନ ଥାଇଣ ବୃକ୍ଷ କି ରୂପେ ବଞ୍ଚିଲା । ୫ । କୁମ୍ଭୀରର କଥା
ମୋତେ କହି ଦେବ ଭାଇ । ଯେଉଁ ବାଟେ ଖାଏ ସେହି ବାଟେ
ଉଦ୍‌ଗାରଇ । ୬ । କମଠର ମୁଖ କାହିଁ ଭିତରେ ପଶିଲା ।
କେଉଁ ଅପରାଧ ସେ କାହାକୁ କରିଥିଲା । ୭ । ଷଡ଼ଗୋଟି
ପ୍ରଶ୍ନ ମୁହିଁ ପଚାରିଲି ବାରେ । ସଭାରେ କହିବ ମୋତେ
ଯଥାର୍ଥ ପ୍ରକାରେ । ୮ । ଯୋଖା ଯୋଖି କଥାଆଉ ନକହିବ
ଭାଇ । କହଇ ଅର୍ଜ୍ଜୁନ ଶୁଣୁଥିବେ ସର୍ବେ ରହି । ୯ ।

ସାତବାର କଥା ଉତ୍ତର ।

ଦାଣ୍ଡିକା ସ୍ୱର—ରାଗ-ପଦ୍ମପଟ୍ଟ ।

ଶୁଣ ସର୍ବେ ସଭାଜନ, ନଟବଶି ମନ ଶ୍ରବଣ, ନିରାକାର ନିରଞ୍ଜନ, ସୃଷ୍ଟି ରଚନାକୁ ମନ, କଳ୍ପନାରୁ କରି ଅକ୍ଷୟ ବିନ୍ଦୁ ପଡ଼େ ପ୍ରଳୟ ବାରି । ସଲିଲ ଡମ୍ବ ପରାୟେ, ଜଳମଧ୍ୟେ ଭାସୁ ଥାଏ, କଳ୍ପବଟରେ ବାଜିଲା, ଡିମ୍ବ ବେନିଫାଳ ହେଲା, ବ୍ରହ୍ମା ବିଷ୍ଣୁ ହର, ଜାତ ହୋଇ ସର୍ଜ୍ଜିଲେ ଏ ସଂସାର ।୨। ମହା-ତେଜ ବିକାଶିଲା, ଊର୍ଦ୍ଧ୍ୱଫାଳ ସୂର୍ଯ୍ୟହେଲା, ଶୀତଳ ଗୁଣ ପ୍ରକାଶି, ଅର୍ଦ୍ଧଫାଳ ହେଲା ଶଶୀ ଜ୍ୟୋତିର୍ମୟ ଯେଣୁ, ଜ୍ୟୋତିଷ ଶାସ୍ତ୍ର ପ୍ରକାଶ ହେଲା ତେଣୁ । ୩ । ରବି ଗ୍ରହରାଜ ହେଲେ, ଚନ୍ଦ୍ର ସାକ୍ଷି ବୋଲାଇଲେ, ଆଉ ପାଞ୍ଚଗ୍ରହ ହୁଲେ, ଜ୍ୟୋତିଷ ଚକ୍ରେ ଭ୍ରମିଲେ, ସପ୍ତାଙ୍ଗ ହେଲେ, ସାତବାର ଏ ସଂସାରେ

ବୋଲାଇଲେ ଯେ । ୪ । ତହୁଁ କେତେଦିନ ଗଲା ସମୁଦ୍ର ମନ୍ଥନ ହେଲା, ରାହୁ ଅମୃତ ଭକ୍ଷିଲା, ଚକ୍ରେ ବେନଖଣ୍ଡ ହେଲା ବିଷ୍ଣୁ ଦେଲେ ବର, ରାହୁ କେତୁ ଗ୍ରହ ମଣ୍ଡଳେ ବିହର । ୫ । ଜ୍ୟୋତିଷ୍ଟକେ ପ୍ରବେଶିଲେ, ସେଥି ସ୍ଥାନ ନ ପାଇଲେ, ବାହୁଡ଼ି ବିଷ୍ଣୁଙ୍କୁ କହି, ସପ୍ତାଙ୍ଗରେ ସ୍ଥାନ ନାହିଁ, ଶୁଣି ରମାସାଇଁ, ଶ୍ରୀମୁଖରେ ଆଜ୍ଞା ଦେଲେ ତାଙ୍କୁ ସୃହିଁ ।୬। ରବି ଆଦି ସାତ-ବାର, ବେଳା ମଧ୍ୟରେ ବିହର, କାଳବେଳା ବାରବେଳା, ତୁମ୍ଭର ସ୍ଥାନ ହୋଇଲା, ବିଷ୍ଣୁ ଆଜ୍ଞାପାଇଁ, ତେଣୁ ରାହୁକେତୁ-ଙ୍କର ବାର ନାହିଁ । ୭ । ମହାଗୋପନ ଚରିତ, ଜ୍ୟୋତି ଶାସ୍ତ୍ରରେ ବର୍ଣ୍ଣିତ ଯାହା ଅଛଇ ଗୋଚର, କହିଲି ସଭା ମଧ୍ୟର, ଦ୍ଵିଜ ମଧୁ କହି, ଶ୍ରୀଗୁରୁଙ୍କ ଶ୍ରୀଚରଣେ ଶର ଦେଇ । ୮ ।

ରାଗ—ଚକ୍ରକେଳୀ ଭଉର ।

ସାତବାରେ ଅଷ୍ଟକୁଞ୍ଜ ବର୍ଣ୍ଣନ୍ ।

ଶୁଣ ସୁଜନ ମନ କର୍ଣ୍ଣ ଦେଇ । ଯାହା ଶ୍ରବଣେ କଳୁଷ ହରଇ
ରାଧା ବିଶାଖା ଲଳିତା ସୁନ୍ଦରୀ । ଇନ୍ଦୁଦେବୀ ସୁଦେବୀ ଆଦିକରି
ରଙ୍ଗଦେବୀ ଚମ୍ପରେଖା ଏସାତ । ଲବଙ୍ଗଲତା ଅଷ୍ଟସଖୀ ଖ୍ୟାତ ।
ଏହାଙ୍କ ମଧ୍ୟେ ବିଶାଖା ସୁନ୍ଦରୀ । କୃଷ୍ଣ ଭେଟନ୍ତି ଦୂତୀପଣ କରି
ସପ୍ତବାରେ ସପ୍ତସଖୀ ସଙ୍ଗତେ । ନିକୁଞ୍ଜେ କୃଷ୍ଣ ବିହରନ୍ତି ନିତ୍ୟେ
ଦିନେ ବିଶାଖା ମନରେ ଭାଳିଲା । ଯାଇଁ ଶ୍ରୀକୃଷ୍ଣ ସନ୍ନିଧେ ମିଳିଲା
କରଯୋଡ଼ି ସମ୍ମୁଖରେ ଉଭାହୋଇ । ଅତି ଭକ୍ତିରେ କୃଷ୍ଣଙ୍କୁ ଜଣାଇ
ଦୂତୀ ପଣରେ ମୋରଦିନଗଲା । ଦିନେମୋସଙ୍ଗେପୀରତିନୋହିଲା
ଧିକ ମୋହର ଥିବାର ଜୀବନ । କୃଷ୍ଣ ଜାଣିଲେ ବିଶାଖାର ମନ
ପ୍ରାହ୍ନ ପରାହ୍ନ ଦୁଇଦଣ୍ଡ ନେଲେ । ଅଠାଇଶ ଦଣ୍ଡ ସାତବାରରେ
ଶ୍ରୀମତୀ ଆଦି ନଯାଣନ୍ତି ଏହା । ଶୂନ୍ୟ କୁଞ୍ଜ ଆରମ୍ଭୀ ଲକ୍ଷ୍ମୀନାହା

ଦେବ ମାନବେ ଅଟଇ ଅଗୋଚର । ଦୂତୀ ସଙ୍ଗେ କୃଷ୍ଣ କଲେ ବିହାର
ଅଷ୍ଟଭୁଜ ପ୍ରାଚିବାରେ ଦଶନ । ଏହା ଜାଣନ୍ତି ସାଧୁ ସୁଜ୍ଞଜନ
ଷଡ଼ଖଣ୍ଡ ହରିବଂଶେ ବର୍ଣ୍ଣନ । ଭାବି କହେ ଦ୍ୱିଜ ମଧୁସୂଦନ

ରାଗ ଆଷାଢ଼ ଶୁକ୍ଳ ।

ନିର୍ମୂଳୀ, ଡମ୍ବିରଫୁଲର ଉତ୍ତର ।

ଶୁଣ କୋବିଦେ ଦେଇଣ ଶ୍ରବଣ । ଗାୟକ ଯା କରିଛନ୍ତି ପ୍ରଶ୍ନ, ନିର୍ମୂଳୀର ମୂଳ ଜନ୍ମାଇ ନାହିଁ । ଡମ୍ବିର ଫୁଲ ନ ଦେଖନ୍ତି କେହି । କହିବି ବୁଝାଇ । କହୁଛୁ କେ ଶୁଣ ଶ୍ରବଣ ଦେଇ । ୧ ।

ସୁର ଅସୁର ବିବାଦ ରଚନ । ଦୈତ୍ୟଙ୍କୁ ହାରିଲେ ଦେବତାଗଣ । ବ୍ରହ୍ମାସ୍ଥମୂରେ ଜଣାଇଲେ ଯାଇଁ, ଦୈତ୍ୟ ଉଦ୍‌ଦର୍ପ ନପାରୁ ସହି ଶୁକ୍ରଙ୍କର ବଳେ । ମୃତ୍ୟୁ ସଞ୍ଜୀବନ ମନ୍ତ୍ରେ ଜିଣିଲେ । ୨ ।

ଦେବତାଙ୍କ କଷ୍ଟ ଦେଖି ବିଧାତା । ବୋଇଲେ ମନରେ ନକର ଚିନ୍ତା । ଆଦ୍ୟେ ସୃଷ୍ଟି ଯେ ସର୍ଜ୍ଜନାର କାଳେ । ଅମର ଔଷଧି ବିଷ୍ଣୁ ରଚିଲେ । ଡମ୍ବିରିର ଫୁଲ । ଆବର ଅଟଇ ନିର୍ମୂଳୀ ମୂଳ । ୩ ।

ଇକ୍ଷୁଗଛ ଫଳ ଅମୃତ ହୋଇ । ଏତିନି ଭକ୍ଷିଲେ ମୃତ୍ୟୁ ଜିଣଇ । ଶୁଣିଣ ହରଷ ଦେବେ ହୋଇଲେ । ଔଷଧ ଭକ୍ଷିଣ ଅମର ହେଲେ । ତିନିଯୁଗ ଗଲା । କଳିଯୁଗ ଆସି ପ୍ରବେଶ ହେଲା । ୪ ।

ଭୁଷଣ୍ଡ କାକ ମହା ଜ୍ଞାନବନ୍ତ । ଅନାଦି ଅଣ୍ଡର ହେଲେ ସମ୍ଭୃତ । କାକ କୁଳକୁ ସେ କରୁଣା କହି । ସୁବୁଦ୍ଧି କାକକୁ ଦେଲେ ସେ କହି । ଜନ୍ମଦିନ ଗଲା । ସେ କାକ ବୃନ୍ଦାବନ ଯାଇଥିଲା । ୫ ।

ମିତ୍ର ହେଲା ଏକ ନକୁଳ ସଙ୍ଗେ । ତାକୁ ଔଷଧି କହିଲା ସରାଗେ । ଶୁଣିଣ ନକୁଳ ଆନନ୍ଦ ମନ । ନିଜବାସକୁ କରନ୍ତେ ଗମନ । ଦଇବ ଘଟନ । ଲୁବ୍ଧକ ପାଶରେ ପଡ଼େ ବନ୍ଧନ ।୬।

ଅମର ଔଷଧି ତାକୁ କହିଲା । ଶୁଣି ଲୁବ୍ଧକ ତାକୁ ଛାଡ଼ି ଦେଲା । ଏମନ୍ତେ ବିଖ୍ୟାତ ହୁଅନ୍ତେ ମର୍ତ୍ତ୍ୟେ । ଯମ ଜଣାଇଲା ବିଷ୍ଣୁ ଅଗ୍ରତେ । ମର୍ତ୍ତ୍ୟେ ଯେତେ ନର । ପାପ ପୁଣ୍ୟ କଲେ ହେବେ ଅମର । ୭ ।

ଶୁଣିଣ ବୋଇଲେ ଶ୍ରୀଆଦିମୂଳ, ଇଥୁ ଗଛରେ ନ ହୋଇବ ଫଳ । ତମ୍ବିରି ଫୁଲ କେ ଦେଖିବ ନାହିଁ, ନମୂର୍ଲୀ ମୂଳ ଶୂନ୍ୟେ ଥିବ ରହି । ମାନବେ ଗୋଚର । ନ ହୋଇବ ବିଷ୍ଣୁ ଦେଲେ ଏ ବର । ୮ ।

ସେହିଦିନୁ ସେହି କଥା ରହିଲା, ଶ୍ରୀବିଷ୍ଣୁ ଆଜ୍ଞା ଅନ୍ୟଥା ନୋହିଲା, ଆସ୍ମୁବୁଦ୍ଧି ଶାସ୍ତ୍ରେ ଅଛି ବର୍ଣ୍ଣିତ, ସୁଜନେ ମୋ ଦୋଷ ନ ଧର ଚିତ୍ତ । ଦୀନ ମଧୁ କହି । ଯାହା ଜଣାଥିଲା କହିଲି ମୁହିଁ । ୯ ।

ରାଗ-ନଳିନୀଗୌଡ଼ା । ଦାଣ୍ଡିକା ସୁର ।

କମଠ କୁମ୍ଭୀରର କଥା ।

ଆନନ୍ଦରେ ହରିବୋଲ ଦିଅ ସଭାଜନ । ଯାହା ଏ ସଭା ମଧ୍ୟରେ ହୋଇଛି ପ୍ରଶ୍ନ । ଶୁଣିବ କୋବିଦଜନେ ମନ କର୍ଣ୍ଣ ଦେଇ । ମହାଭାରତର କଥା ଏମନ୍ତ ଅଟଇ ଯେ । ଧର୍ମ ଯୁଧିଷ୍ଠି ରାଜା । ସୁଖରେ ପାଳନ୍ତି ଜନ ପରଜା ଯେ । ୧ ।

ଉତ୍ତରବାହିନୀ ଯେ ଯମୁନା ନଦୀ କହି । କୁମ୍ଭୀର କଚ୍ଛପ ବାସ କରିଥାନ୍ତି ତହିଁ । ଦୁଇଜଣ ମିତ୍ର ବନ୍ଧୁଭାବ ଉପୁଜିଲା, ଦିନୁ ଦିନୁ ତାଙ୍କର ବନ୍ଧୁତା ସ୍ନେହ ହେଲା । ଭାବ କୁମ୍ଭୀର ଚିତ୍ତ । କଚ୍ଛପ ପୁରକୁ ଗଲା ଆଗତ ଯେ । ୨ ।

ଗୋ ମନୁଷ୍ୟ ପଶୁଆଦି ମାରିଣ କୁମ୍ଭୀର । କମଠ ଗୃହେ ପ୍ରବେଶ ହେବାଣ ବେଭାର । ଏହିପରି କୁମ୍ଭୀର ଯେ ଖାଦ୍ୟ ଦ୍ରବ୍ୟ ନେଇ । କମଠ ଭୁବନେ ମିଳି ଆସଇ ସେ ଦେଇ ଯେ । କେତେଦିନ ଯେ ଗଲା । କଚ୍ଛପ ମନରେ ବିଚାର କଲା ଯେ । ୩ ।

ଅନେକ ପଦାର୍ଥ ମିତ୍ର ଆଣେ ମୋ ବାସକୁ । କି ପାଦର୍ଥ ନେଇ ଯିବି ମୁଁ ତାର ପାଶକୁ । ଛତ୍ରମତ୍ସ୍ୟ ମାରି ନେବାକୁ ସେ ବିଚାରିଲା । କୁମ୍ଭୀର ପୁରକୁ ନେବା ପସନ୍ଦ ନୋହିଲ ଯେ । ଲାଜେ ନ ନେଲା କିଛି । କୁମ୍ଭୀର ତା ପୁରେ ବିଚାରୁ ଅଛି ଯେ

ପାଞ୍ଚ ସାତଥର ବନ୍ଧୁ ଲୋଡ଼ିଲି ମୁଁ ଯାଇ । ଦିନେ ମୋହର ପୁରକୁ ନ ଆସିଲା ସେହି । ମୂଳ କଳନ୍ତର ଲେଖି ହେଉଛେ ଦ୍ରବ୍ୟ ହେଲା । ଯୁଧିଷ୍ଠି ରାଜାଙ୍କ ପାଶେ ଦରଖାସ୍ତ ଦେଲା ଯେ, ଶୁଣି ଧର୍ମ ରାଜନ । କୂର୍ମକୁ ଡକାଇ ନେଲେ ବହନ ଯେ । ୪ ।

କୁମ୍ଭୀର କଚ୍ଛପଙ୍କର ବଚନ ଶୁଣିଲେ । ପ୍ରମାଣ ପାଇଣ ନୃପ ତାଙ୍କୁ ଶାପ ଦେଲେ । କୁମ୍ଭୀରକୁ କହିଲେ ତୁ ଅଛି ବଳ-ବନ୍ତ । ବନ୍ଧୁ ଲୋଡ଼ିଲୁ ତୁ ନେଇ ବହୁତ ପଦାର୍ଥ ଯେ । ଯାହା ମୁଖେ କହିଲୁ । ସେହି ମୁଖରେ ତୁ ଉଦ୍ଗାର କଲୁ ଯେ । ୫ ।

କଚ୍ଛପକୁ ବୋଇଲେ ତୋହର ବଳନାହିଁ । ବଡ଼ଲୋକ ସଙ୍ଗେ ମିତ୍ର ହୋଇଲୁ କିମ୍ପାଇଁ । ସବୁ ଖାଇ ମୁଖ ବୁଜି ରହିଲୁ ଭିତରେ । ସଖା କଦମେ ନ ନେଲୁ ତୁ ବନ୍ଧୁର ବାସରେ ଯେ । ଭଣେ ମଧୁସୂଦନ । ଯୁଧିଷ୍ଠିଙ୍କ ଶାପ ନୋହିଲା ଆନ ଯେ । ୬ ।

ସମାପ୍ତ ।

IMPERIA

ଉତ୍କଳ ପ୍ରେସ ପୁସ୍ତକାଳୟ ।

ଅଙ୍ଗଦପଦ୍ଧତି	ଟ ୦ ୵	ଦାରୁ ବ୍ରହ୍ମ	ଟ ୦ ୵
ଅଦ୍ଭୁତ ସଂହିତା	ଟ ୦୵୬	ଦଶମସ୍କନ୍ଧ ଗୋପଲୀଳା	ଟ ୦/
ଅଶ୍ୱମେଧ ଯଜ୍ଞ	ଟ ୦ ୵	ଦଣ୍ଡୀପର୍ବବାକୃଷ୍ଣପାଣ୍ଡବଯୁଦ୍ଧ	ଟ ୦।୵
ଆର୍ତ୍ତତ୍ରାଣ ଚଉତିଶା	ଟ ୦ ୯	ଧ୍ରୁବମଞ୍ଜରୀ	ଟ ୦/
ଆଲତଧ୍ୱଂସନ	ଟ ୦ /	ନିତ୍ୟକର୍ମ	ଟ ୦ ୯
ସହଜ ଇଂରାଜୀ ଶିକ୍ଷା	ଟ ୦ ୳	ନୂଆବହୁ	ଟ ୦ ୬
ବୃହତ ଉପେନ୍ଦ୍ରଭଞ୍ଜ ସଙ୍ଗୀତ	ଟ ୦/୬	ନଟୁଚୋର	ଟ ୦ ୬
ରେଲଗାଡି ଗୀତ	ଟ ୦୯	ନାବକେଳି	ଟ ୦ ୯
ଏକାଦଶସ୍କନ୍ଧ	ଟ ୦।୵୬	ନରମେଧ ଯଜ୍ଞ	ଟ ୦୵୬
ଓପଟଗାଣ୍ଡା	ଟ ୦ /୰	ନବସମ୍ରାଟ	ଟ ୦ ୯
କମଳାକାନ୍ତ ଚଉତିଶା	ଟ ୦/୬	ପୂଜାଫୁଲ	ଟ ୦।/
କୌଶଲ୍ୟାରୋଦନ ଚଉତିଶା	ଟ ୦୬	ପ୍ରଭାତ ଅବକାଶ	ଟ ୦/
କୋଇଲି ମାଳିକା	ଟ ୦/	ପ୍ରସ୍ତାବସିନ୍ଧୁ	ଟ ୦।/
ଗୋପୀଭାଷା	ଟ ୦୯	ବଭ୍ରୁବାହନ ଯୁଦ୍ଧ	ଟ ୦।/
ଗୋପାଳଙ୍କ ଓଗାଳ	ଟ ୦୵	ବର୍ଣ୍ଣପରିଚୟ ୧ମ ଓ ୨ୟ	ଟ ୦୵
ଗ୍ରାମଦାସ୍ୟଂ	ଟ ୦ ।	ବଙ୍ଗୋତ୍କଳ ୧ମ ଶିକ୍ଷା	ଟ ୦/୬
ଗୁଣସାଗର	ଟ ୦ ୵	ବଳଙ୍ଗାରାମାୟଣ	ଟ ୦୳୵
ଗଜନିସ୍ତାରଣ	ଟ ୦ ୬	ବିଷ୍ଣୁ ପୁରାଣ	ଟ ୦ ।
ଗୁଣ୍ଡିଚାମୂଷା	ଟ ୦ ୬	ବ୍ରହ୍ମାଣ୍ଡଭୂଗୋଳ	ଟ ୦୵
ଜୈମିନି ଭାରତ	ଟ ୧୳	ରସଗୋଷ୍ଠୀ	ଟ ୦
ଝୁଲାଲୀଳା	ଟ ୦ ୵	ଲଙ୍କାକାଣ୍ଡ ସୁଅଙ୍ଗ	ଟ ୦
ଶିନାଥ ମେଳା	ଟ ୦/୰	ସୀତା ବିଳାପ	ଟ ୦୯
କାହ୍ନଂଚାହଁକି ରସାମୃତ	ଟ ୦।୵	ହରନାମ ସଙ୍କୀର୍ତ୍ତନ	ଟ ୦୵୬

ଶ୍ରୀ ମତିଲାଲ ବନ୍ଦ୍ୟାମ୍ବଣା ପ୍ରୋପ୍ରାଇଟର ।

"ଉତ୍କଳ ପ୍ରେସ" ୮, ସେଣ୍ଟ ଜେମସ ସ୍କୋୟାର, ବହୁବଜାର, କଲିକତା ।